# ପ୍ରେଜ୍-ୟୁଟି ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ପର୍ଯ୍ୟଟନର ବିକାଶ କେବଳ ଐତିହ୍ୟକୁ ପ୍ରୋତ୍ସାହିତ କରେନାହିଁ, ଯୁବକମାନଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିଥାଏ । କେନ୍ଦ୍ର ଶାସିତ ଅଞ୍ଚଳ ଦାଦରା ଓ ନଗର ହାବେଳି ଏବଂ ଦାମନ ଓ ଡିଉକୁ ତିନିଦିନିଆ ଗସ୍ତରେ ଯାଇ ରାଷ୍ଟ୍ରପତି ଜାଣ୍ଡା ଚୌକ ବିଦ୍ୟାଳୟର ସ୍ପୋର୍ଟସ୍ ଏରେନାକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ସେ କେନ୍ଦ୍ରଶାସିତ ଅଞ୍ଚଳ ଡାମନ ଡିଉ ଓ ଦାଦ୍ରା ନଗର ହାବେଲୀର କେନ୍ଦ୍ରର ପ୍ରଶାସକଙ୍କୁ ପ୍ରଶଂସା କରିଛନ୍ତି । କେନ୍ଦ୍ର ସରକାରଙ୍କର ଆଦିବାସୀଙ୍କ କଲ୍ୟାଣ ପାଇଁ ରହିଥିବା ପ୍ରତିଶ୍ରୁତିବଦ୍ଧତାକୁ ସେ ଦୋହରାଇଛନ୍ତି ।

ଆଜି ରାଷ୍ଟ୍ରପତିଙ୍କର ଡିଉ ସ୍ଥିତ ଭାରତୀୟ ନୌସେନାର ଖୁକ୍ରି ସ୍ମାରକୀକୁ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

---

# ପ୍ରଧାନମନ୍ତ୍ରୀ-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ବିଭିନ୍ନ ରେଳଷ୍ଟେସନରେ ୧୮ଟି ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ରକୁ ଲୋକାର୍ପଣ କରିଛନ୍ତି । ରେଳଷ୍ଟେସନରେ ଏହି ଜନଔଷଧୀ କେନ୍ଦ୍ରରେ ଦ୍ୱାରା ଯାତ୍ରୀମାନେ ସ୍ୱଳ୍ପ ମୂଲ୍ୟରେ ଔଷଧ ଉପଲବ୍ଧ ହେବ ।

ବିହାରର ଦରଭଙ୍ଗାରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସେ ଭାରତୀୟ ଜନଔଷଧୀ କେନ୍ଦ୍ର ସହିତ ୧୨ ହଜାର କୋଟିରୁ ଅଧିକ ଟଙ୍କାର ଏକାଧିକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଏବଂ ଲୋକାର୍ପଣ

